# ଚର୍ଚ୍ଚାରେ କିଏ ହେବେ ବିଏମ୍‌ସି ଡେପୁଟି ମେୟର

■ ବିଜେଡିରୁ ନିର୍ବାଚିତ ୧୫ ମହିଳା କର୍ପୋରେଟର
■ ହେବକି ବ୍ରହ୍ମପୁର-ଗୋପାଳପୁର ଫର୍ମୁଲା

ବ୍ରହ୍ମପୁର ଅଫିସ,୩୧।୩

ବ୍ରହ୍ମପୁର ମହାନଗର ପୌର ନିର୍ବାଚନ ସରି ଫଳାଫଳ ପ୍ରକାଶ ପାଇଛି। ପ୍ରତ୍ୟକ୍ଷ ନିର୍ବାଚନରେ ମହିଳା ମେୟର ସଂଘମିତ୍ରା ଦଳେଇ ହୋଇଛନ୍ତି ଏବଂ ବିଜେଡିରୁ ୩୦ କର୍ପୋରେଟର ନିର୍ବାଚିତ ହୋଇଥିବାରୁ ସଂଖ୍ୟାଗରିଷ୍ଠ ଭିତ୍ତିରେ ଚତୁର୍ଥ ଥର ବିଏମ୍‌ସିକୁ ବିଜେଡି ଦଖଲ କରିବାର ସ୍ପଷ୍ଟ ହୋଇଛି। ସମୁଦାୟ ୪୨ କର୍ପୋରେଟରଙ୍କ ମଧ୍ୟରୁ ଅର୍ଦ୍ଧେକ ମହିଳା ଅଛନ୍ତି। ସେଥିମଧ୍ୟରୁ ବିଜେଡିରୁ ୧୫, ଭାଜପାରୁ ୪, କଂଗ୍ରେସ ଓ ସ୍ୱାଧୀନରୁ ଜଣେ ଲେଖାଏ ଅଛନ୍ତି। ଚଳିତ ମାସ ୩୧ରେ ନଗର ଉନ୍ନୟନ ବିଭାଗ ପକ୍ଷରୁ ପରିଷଦ ଗଠନ ଲାଗି ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ରାଜ୍ୟ ନିର୍ବାଚନ କମିଶନଙ୍କ ସୂଚନାନୁଯାୟୀ ଏପ୍ରିଲ ଦ୍ୱିତୀୟ ସପ୍ତାହରେ ବିଏମ୍‌ସିର ଡେପୁଟି ମେୟର ପଦ ନିମନ୍ତେ ନିର୍ବାଚନ କରାଯିବ। ଡେପୁଟି ମେୟର ବିଜେଡିରୁ ହେବା ସୁନିଶ୍ଚିତ ହୋଇଛି। ତେବେ କିଏ ହେବେ ସେନେଇ ରାଜନୈତିକ ଚର୍ଚ୍ଚା ଆରମ୍ଭ ହୋଇଛି।

ସୂଚନାଯୋଗ୍ୟ, ମହାନଗର ନିଗମର ୪୨ ୱାର୍ଡରୁ ୧ ରୁ ୩୬ ନଂ. ବ୍ରହ୍ମପୁର ବିଧାନସଭା କ୍ଷେତ୍ର ଏବଂ ୩୭ ରୁ ୪୨ନଂ. ୱାର୍ଡ ପଡ଼ୋଶୀ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଭୁକ୍ତ। ବ୍ରହ୍ମପୁର କ୍ଷେତ୍ରରୁ ମେୟର ହୋଇଛନ୍ତି ସଂଘମିତ୍ରା ଦଳେଇ। ତେବେ ଡେପୁଟି ମେୟର ପଦ କାହା ଭାଗରେ ପଡ଼ିବ ସେନେଇ ଅଙ୍କକଷା ଚାଲିଛି। ଏଥର ବିଜେଡିରୁ ସଂଖ୍ୟାଧିକ ମହିଳା ଓ ପୁରୁଷ କର୍ପୋରେଟର ଉଚ୍ଚ ଶିକ୍ଷିତ ହୋଇଥିବାରୁ ପଦ ନିମନ୍ତେ ଲବି ଜୋରଦାର ହୋଇଛି।

ସୂଚନାଯୋଗ୍ୟ, ୨୦୦୩ ପୌର ନିର୍ବାଚନରେ ମହିଳା ନଗରପାଳ ଏବଂ ଉପନଗରପାଳ ହୋଇଥିଲେ ପୁରୁଷ। ୨୦୦୮ ନିର୍ବାଚନରେ ପୁରୁଷ ନଗରପାଳ ଓ ମହିଳା ଉପନଗରପାଳ ଭାବେ ନିର୍ବାଚିତ ହୋଇଥିଲେ। ନିର୍ବାଚନର ୪ ମାସ ବ୍ୟବଧାନରେ ମ୍ୟୁନିସିପାଲ କର୍ପୋରେଶନ ଘୋଷଣା ହେବାରୁ ନଗରପାଳ ଶିବ ଶଙ୍କର ଦାସ ଓ ଉପନଗରପାଳ ସଂଯୁକ୍ତା ସାମଲ ଆପେ ମେୟର ଓ ଡେପୁଟି ମେୟର ହୋଇଥିଲେ। ୨୦୧୩ ନିର୍ବାଚନରେ ପରୋକ୍ଷ ଭୋଟରେ ପ୍ରଥମ ମହିଳା ମେୟର କେ. ମାଧବୀ ହୋଇଥିଲେ। ତେବେ ନିୟମ ପ୍ରକାରେ ପୁରୁଷ ଡେପୁଟି ମେୟର ହେବା ପରିବର୍ତ୍ତେ ଆଉ ଜଣେ ମହିଳା ଜ୍ୟୋତ୍ସ୍ନା ନାୟକଙ୍କୁ ଡେପୁଟି ମେୟର କରାଯାଇଥିଲା। ସେତେବେଳେ ଗୋପାଳପୁର ବିଧାୟକ ପ୍ରଦୀପ ପାଣିଗ୍ରାହୀଙ୍କ ବିଜେଡି ଓ ସରକାରରେ ଦବ୍‌ଦବା ଥିଲା। ସେ ପ୍ରଭାବ ବିସ୍ତାର କରି ବ୍ରହ୍ମପୁରରୁ ମେୟର, ଗୋପାଳପୁରରୁ ଡେପୁଟି ମେୟର ଫର୍ମୁଲା ସୃଷ୍ଟି କରି ଶିଳ୍ପାଞ୍ଚଳରୁ ନିର୍ବାଚିତ ଜ୍ୟୋତ୍ସ୍ନାଙ୍କୁ ମୁକୁଟ ପିନ୍ଧାଇବାରେ ସଫଳ ହୋଇଥିଲେ।

ଇତିମଧ୍ୟରେ ଗୋପାଳପୁର ବିଜେଡି ରାଜନୀତି ବଦଳିଛି ଏବଂ ପ୍ରଦୀପଙ୍କୁ ଦଳରୁ ବହିଷ୍କାର କରାଯାଇଛି। ସେଠାର ଦାୟିତ୍ୱ ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ଗୋପବନ୍ଧୁ ଦାସଙ୍କୁ ନ୍ୟସ୍ତ କରାଯାଇଛି। ଚଳିତ ପୌର ନିର୍ବାଚନରେ ଗୋପାଳପୁର ଅନ୍ତର୍ଭୁକ୍ତ ମହାନଗର ନିଗମର ୬ ୱାର୍ଡରୁ ୪ଟିରେ ଶଙ୍ଖ ଦଳରୁ କର୍ପୋରେଟର ନିର୍ବାଚିତ ହୋଇଛନ୍ତି। ତେବେ ଗତ ନିର୍ବାଚନର ଫର୍ମୁଲା ବଳବତ୍ତର ରହିବ ନା ବ୍ରହ୍ମପୁର କ୍ଷେତ୍ରରୁ କାହାକୁ ଡେପୁଟି ମେୟର କରାଯିବ ତାହା ସସ୍‌ପେନ୍ସ ରହିଛି। ବିଭିନ୍ନ ଭାବରେ ପଚାରିଲେ ମଧ୍ୟ ଦଳର ଜିଲା ସଭାପତି ଓ ଅନ୍ୟ ନେତା କିଛି ନ କହି ମୁଖ୍ୟମନ୍ତ୍ରୀ ତଥା ରାଜ୍ୟ ସଭାପତି ନିଷ୍ପତ୍ତି ନେବାର ସଫେଇ ଦେଉଛନ୍ତି। ରାଜନୈତିକ ସମୀକ୍ଷକ ମହଲର ଆକଳନ ପ୍ରକାରେ ବିଜେଡି ସବୁ କ୍ଷେତ୍ରରେ ମହିଳାଙ୍କୁ ଗୁରୁତ୍ୱ ଦେଉଛି ଏବଂ ସଦ୍ୟ ସମାପ୍ତ ପଞ୍ଚାୟତ ନିର୍ବାଚନରେ ତାହା ପ୍ରତିଫଳିତ ହୋଇଛି। ଜିଲା ପରିଷଦ ସଭାପତି ମହିଳା ହୋଇଥିବା ବେଳେ ଆଉ ଜଣେ ମହିଳାଙ୍କୁ ଉପାଧ୍ୟକ୍ଷା କରାଯାଇଛି। ସେହିପରି ଯେଉଁ କେତେକ ବ୍ଲକରେ ମହିଳା ଅଧ୍ୟକ୍ଷା ହୋଇଛନ୍ତି, ସେଥିମଧ୍ୟରୁ ଅଧିକାଂଶ ବ୍ଲକରେ ଉପାଧ୍ୟକ୍ଷା ହୋଇଛନ୍ତି ମହିଳା। ତେଣୁ ବିଏମ୍‌ସି ଡେପୁଟି ମେୟର ପଦ ମହିଳାଙ୍କୁ ଦିଆଯାଇ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ଚକ୍‌ମା ଦେଖାଇବାର ମଧ୍ୟ ସମୀକ୍ଷକ ମହଲରେ ମତ ପ୍ରକାଶ ପାଇଛି। କାହା ମୁଣ୍ଡରେ ମୁକୁଟ ପଡ଼ିବ ସେଥିପାଇଁ ନଜର ରଖାଯାଇଛି।

## ସଂକ୍ଷେପରେ

### ଶୁଷ୍କମଳ ଖତ ପ୍ରକଳ୍ପର ପରୀକ୍ଷଣ

କବିସୂର୍ଯ୍ୟନଗର,୩୧।୩(ଡି.ଏନ.ଏ.) କବିସୂର୍ଯ୍ୟନଗର ଏନ୍‌ଏସି କାଳିଆଲୁଣ୍ଡା ପାହାଡ଼ ତଳେ ନୂତନ ଭାବେ ନିର୍ମିତ ଶୁଷ୍କମଳ ପ୍ରକଳ୍ପ ଯାଞ୍ଚ ପ୍ରକ୍ରିୟାର ଶୁଭାରମ୍ଭ କଲେ ଗଞ୍ଜାମ ଜିଲା ପ୍ରକଳ୍ପ ଅଧିକାରୀ ସଚ୍ଚିଦାନନ୍ଦ ନାୟକ। ଜନସାଧାରଣଙ୍କ ବ୍ୟବହୃତ ମଳକୁ କିପରି ଖତରେ ପରିଣତ କରାଯାଇପାରିବ ବିଭିନ୍ନ ଅଧିକାରୀଙ୍କ ଉପସ୍ଥିତିରେ ପରୀକ୍ଷଣ ଗୁରୁବାର ଶେଷ ହୋଇଛି। ବିଭାଗୀୟ ବୈଷୟିକ କର୍ମଚାରୀ ପରିଚାଳନା ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଶୁଭାରମ୍ଭ ବେଳେ ନୂତନ ଅଧକ୍ଷା ଏସ୍. ଲକ୍ଷ୍ମୀ ସେଠୀ, ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ କୁମାର ପାଢ଼ୀ, ପରିମଳ ପରିଦର୍ଶକ ଶଶାଙ୍କ ଶେଖର ମହାନ୍ତି, ଯନ୍ତ୍ରୀ ପ୍ରଦୀପ୍ତ କୁମାର ଦାସ, କନିଷ୍ଠ ପରିମଳ କର୍ମଚାରୀ ଦୀପ୍ତିମୟୀ ଦାସ, ଗୋଷ୍ଠୀ ସଂଗଠିତା କର୍ମଚାରୀ ସୁଚିତ୍ରା ରାଣୀ ଦାସ, ମୁକ୍ତା ଟିମ୍ ସହ ସ୍ୱଚ୍ଛ ସାଥୀ, ସୁପରଭାଇଜର, ଏସ୍‌ଏସ୍‌ଜି ମହିଳା ସହଯୋଗିତାରେ କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା।

### ଚକାପାଦ ବ୍ଲକସ୍ତରୀୟ ଜନଶୁଣାଣି

ଚକାପାଦ,୩୧।୩-ବସ୍ତିଙ୍ଗିଆସ୍ଥିତ ଚକାପାଦ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ୨୦୨୦/୨୧ ଆର୍ଥିକ ବର୍ଷର ଜନଶୁଣାଣି କାର୍ଯ୍ୟକ୍ରମ ବ୍ଲକ ଅଧକ୍ଷା ବୈନେତ୍ରୀ କହଁରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୧୨ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କ ସମେତ ଜନସାଧାରଣ ଯୋଗ ଦେଇଥିଲେ। ନିର୍ବାହୀ ଅଧିକାରୀମାନେ ୨୦୨୦/୨୧ ଆର୍ଥିକ ବର୍ଷରେ ହୋଇଥିବା ଖର୍ଚ୍ଚର ବିବରଣୀ ପାଠ କରିଥିଲେ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟା ରଞ୍ଜନା ନାୟକ, ବ୍ଲକ ଉପାଧକ୍ଷ ସୋମନାଥ ବେହେରା, ଜିଲା ଅତିରିକ୍ତ ପ୍ରକଳ୍ପ ଅଧିକାରୀ ନରେଶ ଚନ୍ଦ୍ର ଶବର, ଜିଲା ଜନଶୁଣାଣୀ ଅଧିକାର ତପନ ପାତ୍ର, ଚକାପାଦ ବିଡ଼ିଓ ଅନିଲ କୁମାର ପଟ୍ଟନୟକ, ଜିଲା ସାମାଜିକ ସମୀକ୍ଷକ ଦୁଃଶାସନ ସିଂ ଯୋଗ ଦେଇଥିଲେ। ଶେଷରେ ଏପିଓ ନିବେଦିତା ପ୍ରିୟଦର୍ଶିନୀ ରଥ ଧନ୍ୟବାଦ ଦେଇଥିଲେ।

### ବ୍ରାଞ୍ଚ ପୋଷ୍ଟ ଅଫିସ ଉଦ୍‌ଘାଟିତ

ପୁରୁଷୋତ୍ତମପୁର,୩୧।୩(ଡି.ଏନ.ଏ.) ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ଆଛୁଲିରେ ଏକ ପୋଷ୍ଟ ଅଫିସ ପ୍ରତିଷ୍ଠା ଲାଗି ଦୀର୍ଘ ଦିନ ହେଲା ଅଞ୍ଚଳବାସୀ ଦାବି କରି ଆସୁଥିଲେ। ଏହାକୁ ନେଇ ପୂର୍ବତନ ଜିଲା ପରିଷଦ ଉପାଧକ୍ଷା ସ୍ନେହଲତା ପଣ୍ଡା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ଧର୍ମେନ୍ଦ୍ର ପ୍ରଧାନଙ୍କୁ ପୋଷ୍ଟ ଅଫିସ ପ୍ରତିଷ୍ଠା ଲାଗି ଅନୁରୋଧ କରିଥିଲେ। ପୁରୁଷୋତ୍ତମପୁର ଏନ୍‌ଏସିର କଲେଜ ଛକ ନିକଟରେ ଥିବା ବ୍ରାଞ୍ଚ ପୋଷ୍ଟ ଅଫିସଟି ଠିକ୍ ଭାବରେ କାର୍ଯ୍ୟକ୍ଷମ ହୋଇନପାରି ରହିଥିବାରୁ ଏହି ପୋଷ୍ଟ ଅଫିସଟିକୁ ଆଛୁଲି ଗ୍ରାମକୁ ସ୍ଥାନାନ୍ତର କରାଯାଇ ଉଦଘାଟନ କରାଯାଇଛି। ଚିଫ୍ ପୋଷ୍ଟମାଷ୍ଟର ଜେନେରାଲ, ଭୁବନେଶ୍ୱର ଶୁଭେନ୍ଦୁ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନ ଓ ପୋଷ୍ଟାଲ ସୁପରିଣ୍ଟେଣ୍ଡେଣ୍ଟ ବ୍ରହ୍ମପୁର ତାରିଣୀ ଚରଣ ପାଢ଼ୀ ଉଦଘାଟନ କରିଥିଲେ। ଅତିଥି ଭାବେ ସରପଞ୍ଚ ସୁଧାକର ଗୌଡ଼, ପୂର୍ବତନ ଜିଲା ପରିଷଦ ଉପାଧକ୍ଷା ସ୍ନେହଲତା ପଣ୍ଡା, ଅରୁଣ କୁମାର ପଣ୍ଡା, ସହକାରୀ ଡାକ ଅଧୀକ୍ଷକ ଚକ୍ରଧର ନାୟକ, ଓଭରସିୟର ଯୁଧିଷ୍ଠିର ବିଷୋଇ, ରଜନୀ କୁମାର ପାଢ଼ୀ ଯୋଗ ଦେଇଥିବା ବେଳେ ଏହି ବ୍ରାଞ୍ଚ ପୋଷ୍ଟ ଅଫିସର ପୋଷ୍ଟମାଷ୍ଟର ଗୀତାଞ୍ଜଳି ବେହେରା ଉପସ୍ଥିତ ରହି କାର୍ଯ୍ୟ ଆରମ୍ଭ କରିଥିଲେ।

### ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

କବିସୂର୍ଯ୍ୟନଗର,୩୧।୩(ଡି.ଏନ.ଏ.)- କବିସୂର୍ଯ୍ୟନଗର ଗୋଷ୍ଠୀ ବୈଠକ ଗୃହରେ ଗୁରୁବାର ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ନିରଞ୍ଜନ ସାହୁଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି।

ସେ ଜଣେ ଶୃଙ୍ଖଳିତ, ଛାତ୍ର ବତ୍ସଳ, ନିଷ୍ଠାପର, କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଥିଲେ। ବିଇଓ ଆରତୀମାଳାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥି ଭାବେ ତହସିଲଦାର ମୋନାଲିସା ଆଚାର୍ଯ୍ୟ, ବିଡିଓ ବାସୁଦେବ ନାୟକ, ଏବିଡିଓ ନାରାୟଣ ବେହେରା ଓ ପ୍ରଧାନ ଶିକ୍ଷକ ଦିବାକର ଶତପଥୀ ଯୋଗଦେଇ ଅବସର ଏବିଇଓଙ୍କ ଗୁଣଗାନ କରିଥିଲେ। ଉପଢୌକନ, ମାନପତ୍ର, ଭାଗବତ ଗୀତା, ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବୃନ୍ଦାବତୀ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ସୀମାଞ୍ଚଳ ପାଣିଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ସହକର୍ମୀଙ୍କ ଉପସ୍ଥିତିରେ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସତ୍ୟଙ୍କ ୨୪ କ୍ଷୁଦ୍ର ମନ୍ଦିର କଳାକୃତି

ବ୍ରହ୍ମପୁର ଅଫିସ,୩୧।୩

ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା ଚକରେ ୨୪ କ୍ଷୁଦ୍ର ମନ୍ଦିର କଳାକୃତି କରି ଇଣ୍ଡିଆ ବୁକ୍ ଅଫ ରେକର୍ଡ ହାସଲ କରିଛନ୍ତି। ସତ୍ୟ ଜାନୁୟାରୀ ୨୬ରେ ୨୪ଟି ଚକରେ ଲିଙ୍ଗରାଜ ମନ୍ଦିର, ତାରାତାରିଣୀ, ବୁଢ଼ୀ ଠାକୁରାଣୀ, ସୋରଡ଼ାର ପଞ୍ଚାନନ ଓ ପଦରସୁନି ମନ୍ଦିର, ବାଳକୁମାରୀ, ମହୁରୀ କାଳୁଆ, ଭୈରବୀ, ବୁଦ୍ଧଖୋଲ, କପିଳାସ, ନିର୍ମଳଝର, ମୁକ୍ତେଶ୍ୱର, ବ୍ରହ୍ମେଶ୍ୱର, ରାଜାରାଣୀ, ଇନ୍ଦ୍ରଲଥ ମନ୍ଦିର, ରାମେଶ୍ୱର ମନ୍ଦିର, ଦୁର୍ଗା ମନ୍ଦିର ଓ ଚାରିଧାମର କଳାକୃତି ନିର୍ମାଣ କରିଥିଲେ, ଯାହାର ଉଚ୍ଚତା ୪ ମିଲିମିଟରରୁ ୯ ମିଲିମିଟର ପର୍ଯ୍ୟନ୍ତ ରହିଥିଲା। ଏହା ବିଶ୍ୱର କ୍ଷୁଦ୍ରତମ କଳାକୃତି ବୋଲି ସତ୍ୟ ଦୃଢ଼ୋକ୍ତି ପ୍ରକାଶ କରିଥିଲେ। ସତ୍ୟ ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସ ନିମନ୍ତେ ଆବେଦନ କରିଥିଲେ, ଯାହାକି ଚଳିତ ବର୍ଷର ଇଣ୍ଡିଆ ବୁକ୍ ଅଫ ରେକର୍ଡ୍ସରେ ସ୍ଥାନ ପାଇଥିବା ସେ କହିଛନ୍ତି।



ସତ୍ୟ ନିର୍ମାଣ କରିଥିବା କ୍ଷୁଦ୍ର କଳାକୃତି ।

# ରୋଗୀଙ୍କ ଜୀବନ ସହ ଖେଳୁଛନ୍ତି ନକଲି ଡାକ୍ତର

ଗୋପାଳପୁର,୩୧।୩(ଡି.ଏନ.ଏ.)

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସ୍ୱାସ୍ଥ୍ୟସେବାର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଇ ଭିତ୍ତିଭୂମିର ବିକାଶ କରାଯାଉଛି। କିନ୍ତୁ ଏଥିରେ ସୁଧାର ଆସୁନାହିଁ। ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ଡାକ୍ତର ଓ କର୍ମଚାରୀଙ୍କ ଅଭାବ ରହୁଛି। ଫଳରେ ରୋଗୀ ନକଲି ଡାକ୍ତରଙ୍କ ଆଡ଼କୁ ମୁହାଁଇବା ଫଳରେ ଶୋଷଣର ଶିକାର ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳର ବିଭିନ୍ନ ଗ୍ରାମମାନଙ୍କରେ ଦିନକୁ ଦିନ ନକଲି ଡାକ୍ତରଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଉଛି। ଏହି ଥାନା ଅନ୍ତର୍ଗତ ରଣ୍ଟା, ଗୋଳନ୍ଥରା, କନିଷି, ହଳଦିଆପଦର, ଡୁଲୁ ପ୍ରଭୃତି ଗ୍ରାମଗୁଡ଼ିକରେ ନକଲି ଡାକ୍ତରମାନେ ଦୋକାନ ଖୋଲି ରୋଗୀଙ୍କୁ ଇଞ୍ଜେକସନ, ସାଲାଇନ ଓ ଔଷଧ ଦେଉଛନ୍ତି। ସୋରଳ ଜଙ୍କସନ ନିକଟ ଜାଗପୁର ରାସ୍ତାରେ ଗଢ଼ି ଉଠିଛି ଏକ ବେଆଇନ ଘରୋଇ କ୍ଲିନିକ୍। ଏହି କ୍ଲିନିକରେ ଜନୈକ ବ୍ୟକ୍ତି ଏମ୍‌ବିବିଏସ ଫଳକ ଲଗାଇଥିବା ବେଳେ ତାଙ୍କ ବାପା କୌଣସି ଅଭିଜ୍ଞତା ନ ଥାଇ ଡାକ୍ତର ପରିଚୟ ଦେଇ ଦୀର୍ଘବର୍ଷ ହେଲା ରୋଗୀଙ୍କୁ ଚିକିତ୍ସା କରୁଥିବା ଦେଖିବାକୁ ମିଳିଛି। ଏପରିକି ଉକ୍ତ କ୍ଲିନିକରେ ନାଟ୍ୟ କଳାକାର ଓ ଅନଭିଜ୍ଞ ଯୁବକମାନେ ରୋଗୀଙ୍କୁ ଇଞ୍ଜେକଶନ, ସାଲାଇନ ଦେବା ସହ ଷ୍ଟିଚିଙ୍ଗ୍ କରୁଥିବା ଜଣାପଡ଼ିଛି। ଏଥିସହ ସେଠାରେ ପାଥୋଲୋଜି ଖୋଲାଯାଇ ବିଭିନ୍ନ ପରୀକ୍ଷା ମଧ୍ୟ କରାଯାଉଛି।

ଡାକ୍ତର ପରିଚୟ ଦେଉଥିବା ବ୍ୟକ୍ତି ଜଣକ ଭିଟାମିନ ଓ କ୍ୟାଲସିୟମ ଔଷଧ ନିଜେ ପ୍ରସ୍ତୁତ କରୁଛନ୍ତି। ଔଷଧ ଖୋଳରେ ନିଜର ଫଟୋ ଲଗାଇ ଯୋଗ୍ୟତା ନ ଥିଲେ ମଧ୍ୟ ନାମ ଆଗରେ ଡାକ୍ତର ଲେଖି ରୋଗୀଙ୍କୁ ସେହି ଔଷଧ ପ୍ରଦାନ କରୁଛନ୍ତି। ଉକ୍ତ କ୍ଲିନିକରେ ଦଲାଲ ସକ୍ରିୟ ରହି ରୋଗୀଙ୍କୁ ସେଠାକୁ ପଠାଇ କମିଶନ ନେଉଥିବା ଅଭିଯୋଗ ହୋଇଛି। ଏଥିସହ ମୋଟା ଅଙ୍କର ଅର୍ଥ ନେଇ ଏଠାରେ ମହିଳାଙ୍କ ଗର୍ଭପାତ କରାଯାଉଥିବା ଜଣାପଡ଼ିଛି।

### ମହିଳା ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର

ଜି.ଉଦୟଗିରି,୩୧।୩(ଡି.ଏନ.ଏ.)

ସ୍ଥାନୀୟ ଇନ୍ଦିରା ପ୍ରିୟଦର୍ଶିନୀ ମହିଳା ମହାବିଦ୍ୟାଳୟରେ ଗୁରୁବାରଠାରୁ ଆରମ୍ଭ ହୋଇଛି ଆଠଦିନିଆ ଆତ୍ମ ସୁରକ୍ଷା ତାଲିମ ଶିବିର। ମହାବିଦ୍ୟାଳୟ ଅଧକ୍ଷ ଶିବରାମ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ଶିବିରରେ ସ୍ଥାନୀୟ ଏସଡିପିଓ ଡି. ତିରୁପତି ରାଓ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ସାମ୍ବାଦିକ ତଥା ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ସଭ୍ୟ ଶିଶିର ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଏଏସ୍‌ଆଇ ସ୍ୱାଗତିକା ବେହେରା, ଏଏସଆଇ ବି. କେ. ମହାରଣା, ଆଇସିଡିଏସ୍ ସୁପରଭାଇଜର କଳ୍ପନା ନାୟକ, କବିତା ଗମାଙ୍ଗ ଆତ୍ମ ସୁରକ୍ଷା କେତେ ଜରୁରୀ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରୋଗ୍ରାମ ଅଫିସର ସସ୍ମିତା ଦାସ ଏହି ଶିବିରକୁ ପରିଚାଳନା କରିଥିବା ବେଳେ ଅଧ୍ୟାପିକା ଡ. ବବିତା ରାଣୀ ପଟ୍ଟନାୟକ, ମିନତୀ କୁମାରୀ ଦାସ, ସୁଧାରାଣୀ ପାତ୍ର ପ୍ରମୁଖ ଛାତ୍ରୀ ଆତ୍ମ ସୁରକ୍ଷା କିଭଳି ମନୋବଳ ବଢାଇଥାଏ ସେ ସମ୍ପର୍କରେ କହିଥିଲେ। ଏହି ଶିବିରରେ ମାଷ୍ଟର ଟ୍ରେନର ମାନସୀ ପ୍ରଧାନ, ଅନୀତା ପ୍ରିୟଦର୍ଶିନୀ ନାୟକ, ସୁରୁଚି ପ୍ରଧାନ ପ୍ରମୁଖ ଯୋଗ ଦେଇ ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

### ଗଞ୍ଜାମ ବ୍ଲକସ୍ତରୀୟ ଜନଶୁଣାଣି

ଗଞ୍ଜାମ,୩୧।୩(ଡି.ଏନ.ଏ.)

ଗଞ୍ଜାମ ବ୍ଲକ କନ୍‌ଫରେନ୍ସ ହଲରେ ବ୍ଲକସ୍ତରୀୟ ଜନଶୁଣାଣି ଗୁରୁବାର ଅନୁଷ୍ଠିତ ହୋଇଥିଲା। ଏଥିରେ ବ୍ଲକ ଅଧକ୍ଷା ଶର୍ମିଷ୍ଠା ପ୍ରଧାନ ଅଧକ୍ଷତା କରିଥିଲେ। ବିଡିଓ ବିଶ୍ୱଜିତ ରାୟ, ଏବିଡିଓ ଭବାନୀ ପ୍ରଧାନ, ଜିଲା ପରିଷଦ ସଭ୍ୟ ସନାତନ ବେହେରା, ଡିଏସ୍‌ଏ ରବୀନ୍ଦ୍ର ନାଥ ମଲାଣ, ଉପାଧକ୍ଷା ଅନ୍ତର୍ଯ୍ୟାମୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଏପିଓ ବ୍ରଜ ସୁନ୍ଦର ବେହେରା ୨୦୨୧-୨୨ ଆର୍ଥିକ ବର୍ଷର ବ୍ୟୟ ବରାଦ ବିବରଣୀ ପ୍ରଦାନ କରିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍ ୧୦୦ ଦିନର କାର୍ଯ୍ୟ ପାଇଁ ୫୦୦୪ ପରିବାରକୁ କାମ ଯୋଗାଇ ଦିଆଯାଇଥିବା ସୂଚନା ମିଳିଥିଲା। ଏହି ବ୍ଲକର ୧୫ ପଞ୍ଚାୟତରେ ବିଭିନ୍ନ ଉନ୍ନୟନ ପ୍ରକଳ୍ପ ପାଇଁ ବିଭିନ୍ନ ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ ହେଉଛି କି ନାହିଁ ତାହା ଆଲୋଚନା ହୋଇଥିଲା। ମୃତ୍ତିକା ସଂରକ୍ଷଣ ଓ ବୃକ୍ଷ ରୋପଣ ଆଦି ଉପରେ ମଧ୍ୟ ଆଲୋଚନା ହୋଇଛି। ଏହି ଶୁଣାଣିରେ ସମସ୍ତ ଜନ ପ୍ରତିନିଧି, ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ବ୍ଲକ ଅଧକ୍ଷାଙ୍କ ଏହା ପ୍ରଥମ ବୈଠକ ଥିଲା। ତେଣୁ ପ୍ରଥମେ ବିଡିଓ ରାୟ ଅଧକ୍ଷାଙ୍କ ସମେତ ସମସ୍ତ ସରପଞ୍ଚ, ସମିତିସଭ୍ୟମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ।

# ପୂର୍ବତନ କର୍ପୋରେଟରଙ୍କୁ ହତ୍ୟା ଧମକ ଘଟଣା:ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର ଅଫିସ,୩୧।୩

ବ୍ରହ୍ମପୁର ସହରରେ ପୌର ନିର୍ବାଚନ ପରବର୍ତ୍ତୀ ହିଂସା ଓ ଜଣେ କର୍ପୋରେଟରଙ୍କୁ ହତ୍ୟା ଧମକ ଘଟଣା ପରଠାରୁ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗୋଷାଣୀନୂଆଗାଁ ପୋଲିସ ଗିରଫ କରିଛି। ଅଭିଯୁକ୍ତ ଜଣଙ୍କ ଗେଟବଜାରର ଟୁଟୁ ଦାସ (୨୨)। ମାମଲା ନମ୍ବର ୪୬/୨୨ରେ ତାଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଛି। ଏହି ଆତଙ୍କରାଜ ଓ ଭଙ୍ଗାରୁଜା ଘଟଣା ପଛରେ କାହାର ହାତ ରହିଛି ସେ ନେଇ ଏବେ ତଦନ୍ତ ଜାରି ରହିଥିବା ଥାନାଧିକାରୀ ସୁମିତ ସୋରେନ କହିଛନ୍ତି। ପୂର୍ବରୁ ପୋଲିସ ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପ୍ରେମନଗର ଫରଚ୍ୟୁନ ଶଙ୍କର ପ୍ୟାଲେସରେ ରହୁଥିବା ଶିବା ଓରଫ କୁମାର ଅଭିଷେକ ବେହେରାଙ୍କ ସମେତ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

ପ୍ରକାଶ ଯେ, ହାଉସିଂବୋର୍ଡ଼ ବ୍ରିଟ୍ କଲୋନୀରେ ରହୁଥିବା ବୀରେନ ପଟ୍ଟନାୟକ ବିଏମ୍‌ସିର ଜଣେ ପୂର୍ବତନ କର୍ପୋରେଟର ଥିବାବେଳେ ସେ ଚଳିତ ଥର ୱାର୍ଡ ନମ୍ବର ୧୨ରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ସେହିପରି ତାଙ୍କ ସ୍ତ୍ରୀ ସସ୍ମିତା ଦାସ ଭାଜପାରୁ ଟିକେଟ ପାଇ କର୍ପୋରେଟର ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଉଭୟ ବୀରେନ ଓ ତାଙ୍କ ସ୍ତ୍ରୀ ଉକ୍ତ ନିର୍ବାଚନରେ ପରାଜିତ ହୋଇଥିଲେ। ଗତ ୨୬ ତାରିଖ ବିଳମ୍ବିତ ରାତି ପ୍ରାୟ ୩ଟା ବେଳେ ବିଜୟୀ ଗୋଷ୍ଠୀର ୭/୮ ଜଣ ଯୁବକ ହାତରେ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଧରି ବୀରେନ ଓ ତାଙ୍କ ସ୍ତ୍ରୀଙ୍କୁ ଜୀବନରେ ମାରିଦେବାକୁ ଧମକ ଦେବା ସହ ସେଠାରେ ଆତଙ୍କ ଖେଳାଇଥିଲେ। ପରେ ଏନେଇ ସସ୍ମିତା ଥାନାରେ ଲିଖିତ ଏତଲା ଦେଇଥିଲେ।

# ପ୍ରଫେସର ବିଷ୍ଣୁ ଚୌଧୁରୀଙ୍କୁ ରାଜନୀତି ବିଜ୍ଞାନୀ ସମ୍ମାନ




ରାଜନୀତି ବିଜ୍ଞାନୀ ସମ୍ମାନ ପାଇଛନ୍ତି ପ୍ରଫେସର ବିଷ୍ଣୁ ଚୌଧୁରୀ ।

ବ୍ରହ୍ମପୁର ଅଫିସ,୩୧।୩

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ରାଜନୀତି ବିଜ୍ଞାନ ପ୍ରଫେସର ଡ. ବିଷ୍ଣୁ ଚରଣ ଚୌଧୁରୀଙ୍କୁ ଜାତୀୟ ସ୍ତରର ସମ୍ମାନ ମିଳିଛି। ମେଘାଳୟଠାରେ ଅନୁଷ୍ଠିତ ନିଖିଳ ଭାରତ ରାଜନୀତି ବିଜ୍ଞାନର ୫୯ତମ ସମ୍ମିଳନୀ ଏବଂ ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ସମ୍ମାନିତ କରାଯାଇଛି। ସମ୍ମିଳନୀରେ ଦେଶ ବିଦେଶର ୮ ଶହ ରାଜନୀତି ବିଜ୍ଞାନୀ ଯୋଗ ଦେଇଥିଲେ। ଆଲୋଚନାଚକ୍ରରେ ଅନେକ କୁଳପତି ଅଂଶଗ୍ରହଣ କରିଥିଲେ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଜୟନ୍ତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ।

ପ୍ରଫେସର ଚୌଧୁରୀଙ୍କୁ ସିନିୟର ରାଜନୀତି ବିଜ୍ଞାନୀ ସମ୍ମାନ-୨୦୧୯ ମିଳିଥିବାରୁ ବିଭିନ୍ନ ସ୍ତରର ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ଦଣ୍ଡଯାତ୍ରା ଶୁଭାରମ୍ଭ

ବୁଗୁଡା,୩୧।୩(ଡି.ଏନ.ଏ.)

ବୁଗୁଡା ବ୍ଲକ ଅନ୍ତର୍ଗତ ପୋଚାଲୁଣ୍ଡି ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ଶ୍ରୀ ଶ୍ରୀ ଶ୍ରୀ ମା' ଶ୍ୟାମାକାଳୀ ମହାମାୟୀଙ୍କ ଷୋଡ଼ଶ ଦିନାତ୍ମକ ଦଣ୍ଡଯାତ୍ରାର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ପରିଚାଳକ ଭଗବାନ ଜେନାଙ୍କ ପରିଚାଳନାରେ ଏବଂ ଗ୍ରାମବାସୀଙ୍କ ସହଯୋଗରେ ଓ ନିର୍ଦ୍ଦେଶକ ସନ୍ତୋଷ ପାଇକରାୟଙ୍କ ବଳିଷ୍ଠ ନିର୍ଦ୍ଦେଶନାରେ ନାଟକ ମିଛୁଆ ରାଧୁଆ ଗପ ସରିଲା ମଞ୍ଚସ୍ଥ ହୋଇଯାଇଛି। ବହୁଳ ସଂଖ୍ୟାରେ ଦର୍ଶକ ନାଟକକୁ ମନଭରି ଆରମ୍ଭରୁ ଶେଷ ଯାଏ ଉପଭୋଗ କରିଥିଲେ।

# ଦଣ୍ଡଯାତ୍ରାର ଢୋଲ ବାଦ୍ୟରେ ଦୁଲୁକିଲା ବୁଗୁଡ଼ା ଅଞ୍ଚଳ



ଦଣ୍ଡନାଚ ଦଳ ।

ବୁଗୁଡ଼ା,୩୧।୩(ଡି.ଏନ.ଏ.)

କୋଭିଡ୍ କଟକଣା ହଟିବା ପରେ ଆରମ୍ଭ ହୋଇଯାଇଛି ଦଣ୍ଡଯାତ୍ରା। ଦୀର୍ଘ ୨ ବର୍ଷ ପରେ ଢୋଲ ବାଦ୍ୟର ତାଳେ ତାଳେ କମ୍ପି ଉଠିଛି ଗାଁଠୁ ସହର। ଏଥି ସହ ମା' କାଳୀଙ୍କ ଦର୍ଶନ ପାଇ ନିଜକୁ ଧନ୍ୟ ଧନ୍ୟ ମଣୁଛନ୍ତି ଭକ୍ତମାନେ। ବୁଗୁଡ଼ା ଅଞ୍ଚଳର ଭାମଶିଆଳି, ଗୋଳିଆ, ଟିଙ୍କିପଡା, ମରେଇପଲ୍ଲୀ, ପାଣିକେଶର, ଭାବସର, ଟିଙ୍ଖିମା, ଡାକରାବାଡି, କାନକୁଟୁରୁ, ତାଳସାକର, ବଙ୍କିପଲ୍ଲୀ, ବଣପଲ୍ଲୀ, ପୋଚାଲୁଣ୍ଡି, ଏ.କରଡ଼ାବାଡି, ପଙ୍କଳବାଡି, ବୁଗୁଡ଼ା ଆଦି ୧୬ଟି ଗ୍ରାମରେ ମା'କାଳୀଙ୍କ ଦଣ୍ଡଯାତ୍ରା ରୀତିନୀତି ପ୍ରକାରେ ଆରମ୍ଭ ହୋଇଯାଇଛି। ଦଣ୍ଡଯାତ୍ରା ଦଳମାନେ ମଧ୍ୟାହ୍ନରେ ଧୂଳିଦଣ୍ଡ, ଅପରାହ୍ନରେ ପାଣି ଦଣ୍ଡ ଏବଂ ରାତ୍ରିକାଳୀନ ଅଗ୍ନିଦଣ୍ଡ ପରେ ମାନସିକଧାରୀଙ୍କ ବାସସ୍ଥାନରେ ମା କାଳୀଙ୍କ ଆବାହନ ପୂର୍ବକ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି।

### ଏନ୍‌ଏସି କର୍ମଚାରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୁଗୁଡା,୩୧।୩(ଡି.ଏନ.ଏ.)

ସ୍ଥାନୀୟ ଏନ୍‌ଏସି କାର୍ଯ୍ୟାଳୟରେ ଅବସରପ୍ରାପ୍ତ କର୍ମଚାରୀ ଶିବରାମ ଗୌଡ଼ଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏଥିନିମନ୍ତେ ଆୟୋଜିତ କାର୍ଯ୍ୟକ୍ରମରେ ଅଧକ୍ଷ ଚିତ୍ରସେନ ପ୍ରଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ରଶ୍ମି ରଞ୍ଜନ ଦାସ, କର୍ମଚାରୀ ସଂଘ ସଭାପତି ପୀତବାସ ପ୍ରଧାନ, ଉପସଭାପତି ଜଗଦୀଶ ପଣ୍ଡା ଓ ସମ୍ପାଦକ ଅକ୍ଷୟ ସାହୁଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଶିବରାମଙ୍କୁ ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ।

# ରୟାଲଟି, ଜରିମାନା ଆଦାୟରେ ଶତ ପ୍ରତିଶତ ସଫଳତା

**ଦିଗପହଣ୍ଡି ତହସିଲ**

ଦିଗପହଣ୍ଡି,୩୧।୩(ଡି.ଏନ.ଏ.)

ଚଳିତ ଆର୍ଥିକ ବର୍ଷରେ ଦିଗପହଣ୍ଡି ତହସିଲ ପକ୍ଷରୁ ରେକର୍ଡ ସଂଖ୍ୟକ ରାଜସ୍ୱ ଆଦାୟ କରାଯାଇଛି। ଦିଗପହଣ୍ଡି ତହସିଲ ଅଧୀନରେ ଥିବା ବିଭିନ୍ନ ଲଘୁ ଖଣିଜ ସମ୍ପଦ କ୍ୱାରି, ସୈରାତଗୁଡିକରୁ ବେଆଇନ ଭାବେ ଖଣିଜ ସମ୍ପଦ ଉତ୍ତୋଳନ ଓ ଚୋରା ଚାଲାଣ ସମୟରେ ଦିଗପହଣ୍ଡି ତହସିଲ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ ପକ୍ଷରୁ ଚଢ଼ାଉ କରାଯାଇ ଆଦାୟ ହୋଇଥିବା ରୟାଲଟି ଏବଂ ଜରିମାନା ଚଳିତ ଆର୍ଥିକ ବର୍ଷ ୨୦୨୧-୨୨ରେ ନୂଆ ରେକର୍ଡ ସୃଷ୍ଟି କରିଛି। ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଚଳିତବର୍ଷ ଦିଗପହଣ୍ଡି ତହସିଲକୁ ୧ କୋଟି ଟଙ୍କା ଜରିମାନା ଆଦାୟ ପାଇଁ ଟାର୍ଗେଟ ଦିଆଯାଇଥିବା ବେଳେ ତହସିଲ ଓ ସମସ୍ତ ରାଜସ୍ୱ ସର୍କଲରେ ଅବସ୍ଥାପିତ କର୍ମଚାରୀଙ୍କ ମିଳିତ ଉଦ୍ୟମ ଯୋଗୁ ଟାର୍ଗେଟ ଅତିକ୍ରମ କରିବାକୁ ସକ୍ଷମ ହୋଇଛି। ତହସିଲଦାର ସିପକ କୁମାର ପାତ୍ରଙ୍କ ସୂଚନା ପ୍ରକାରେ ମାର୍ଚ୍ଚ ୩୦ ସୁଦ୍ଧା ଜରିମାନା ଆଦାୟ ୧୦୦.୨୧ ପ୍ରତିଶତ ରହି ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ୨୧,୮୩୧ ଟଙ୍କା ଆଦାୟ କରାଯାଇଛି। ଜିଲାର ଏକମାତ୍ର ତହସିଲ ଭାବେ ଦିଗପହଣ୍ଡି ଏହି ସଫଳତା ପାଇଥିବାରୁ ତହସିଲଦାର ପାତ୍ର ଲକ୍ଷ୍ୟ ହାସଲ ଦିଗରେ ସହଯୋଗ ଯୋଗାଇଥିବା ସ୍ଥାନୀୟ ରାଜସ୍ୱ ବିଭାଗର ସମସ୍ତ କର୍ମଚାରୀଙ୍କୁ ସାଧୁବାଦ ଜଣାଇଛନ୍ତି।

# ଏମ୍‌କେସିଜିରେ ମୋ ଗେହ୍ଲା ଝିଅ-ନିର୍ଭୟା କଢ଼ି

ବ୍ରହ୍ମପୁର ଅଫିସ,୩୧।୩

ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଭେଷଜ (ଏମ୍‌କେସିଜି) ମହାବିଦ୍ୟାଳୟ ଓ ଚିକିତ୍ସାଳୟଠାରେ ବେଟି ବଚାଓ, ବେଟି ପଢ଼ାଓ, ମୋ ଗେହ୍ଲା ଝିଅ, ବିଜୁ କନ୍ୟାରତ୍ନ ଯୋଜନା, ନିର୍ଭୟା କଢ଼ି ଯୋଜନାକୁ ନେଇ ଗୁରୁବାର ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମେଡିକାଲ କଲେଜ ଅଧକ୍ଷ ପ୍ରଫେସର ଅବନୀକାନ୍ତ ମିଶ୍ର, ଅଧୀକ୍ଷକ ପ୍ରଫେସର ସନ୍ତୋଷ କୁମାର ମିଶ୍ର, ଅତିରିକ୍ତ ଅଧୀକ୍ଷକ ଡା. କିରଣ କୁମାର ପଟ୍ଟନାୟକ, ଡା. ସୁରେନ୍ଦ୍ର ନାଥ ସୋରେନ, କିଶୋର ନ୍ୟାୟ ବୋର୍ଡ ସଦସ୍ୟ ଅମିୟ ତ୍ରିପାଠୀ, ଶିଶୁ ମଙ୍ଗଳ ସମିତି ସଦସ୍ୟ ହରିହର ପାଢ଼ୀ, ଶିଶୁ ସୁରକ୍ଷା କାର୍ଯ୍ୟାଳୟ ଅଣ ଆନୁଷ୍ଠାନିକ ଅଧିକାରୀ ସୁଶାନ୍ତ କୁମାର ସାହୁ, ପରାମର୍ଶଦାତା ସୁଜିତ କୁମାର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। କନ୍ୟା ସନ୍ତାନ ସୁରକ୍ଷିତ ନିମନ୍ତେ ଗର୍ଭଧାରଣ ପୂର୍ବରୁ ଓ ସନ୍ତାନ ପ୍ରସବ ପୂର୍ବରୁ ଚିହ୍ନଟ କୌଶଳ (ଲିଙ୍ଗ ନିରୂପଣ ନିଷିଦ୍ଧ) ଆଇନ-୧୯୯୪, ବାଲ୍ୟ ବିବାହ ଆଇନ-୧୯୭୯, ଅନୈତିକ ଶିଶୁ ଚାଲାଣ ନିରୋଧ ଆଇନ-୧୯୮୬, କିଶୋର ନ୍ୟାୟ ଆଇନ-୨୦୦୦ ଓ ୨୦୦୬ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା। ଏଥିରେ ଏମ୍‌କେସିଜିର ବହୁ ଡାକ୍ତର, ସେବିକା ଅଂଶଗ୍ରହଣ କରିଥିଲେ। ଏହାକୁ ଡାକ୍ତରଖାନା ପରିଚାଳକ ଅମିତାଭ ମହାନ୍ତି ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ।

# ଅବଧି ସରିଲା, କିଣାଗଲାନି ୨୬,୩୪୩ ଚାଷୀଙ୍କ ଧାନ

**ଗଞ୍ଜାମ ଜିଲ୍ଲା**

ଛତ୍ରପୁର,୩୧।୩(ଡି.ଏନ.ଏ)

ଗଞ୍ଜାମ ଜିଲାରେ ଚାଷୀଙ୍କଠାରୁ ଧାନକିଣା ପ୍ରକ୍ରିୟା ସରିଛି। ହେଲେ ଜିଲାର ପଞ୍ଜୀକୃତ ଚାଷୀଙ୍କ ମଧ୍ୟରୁ ଆହୁରି ୨୬,୩୪୩ ଜଣ ଚାଷୀଙ୍କ ଠାରୁ ଧାନ କିଣା ଗଲାନାହିଁ । ଏନେଇ ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ବଢିଛି । ଜିଲାରେ ଧାନକିଣା ପ୍ରକ୍ରିୟା ଆରମ୍ଭ ଧିମା ରହିବା, ଟୋକନ୍ ଅଚଳ , ଯୋଗାଣ ଓ ସମବାୟ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ଏବଂ ମନିଟରିଂ ଅଭାବ ଯୋଗୁ ଏହି ଅବ୍ୟବସ୍ଥା ହୋଇଛି । ଧାନ କିଣାଯାଉ ନ ଥିବାରୁ ଚାଷୀ ଓ ଚାଷୀ ସଙ୍ଗଠନ ଗୁଡିକ ପକ୍ଷରୁ ପୂର୍ବରୁ ରାସ୍ତା ଅବରୋଧ ଠାରୁ ଆରମ୍ଭ କରି ଜିଲାପାଳଙ୍କ ଅଫିସ, ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ଲକ ଅଫିସ ଆଗରେ ଧାରଣା ଦିଆଯାଇଥିଲେ ବି କୌଣସି ସୁଫଳ ମିଳି ନ ଥିଲା। ଏବେ ଧାନକିଣା ପ୍ରକ୍ରିୟା ଅବଧି ସରିଯାଇଥିବାରୁ ଋଣ କରି ଚାଷ କରିଥିବା ଚାଷୀମାନେ କିଭଳି ଋଣ ଶୁଝିବେ ସେ ନେଇ ଚିନ୍ତାରେ ପଡିଯାଇଛନ୍ତି।

୨୦୨୧-୨୨ ଖରିଫ ଋତୁରେ ଜିଲାର ୧ ଲକ୍ଷ ୨୨ ହଜାର ୮୩୪ ଜଣ ଚାଷୀ ଖରିଫ ଧାନ ବିକିବା ପାଇଁ ପଞ୍ଜୀକୃତ ହୋଇଥିଲେ । ସେଥିରୁ ଅବଧି ଶେଷ ସୁଦ୍ଧା ୯୬,୪୯୧ ଜଣ ଚାଷୀ ସେମାନଙ୍କ ୪୦ ଲକ୍ଷ ୫୨ ହଜାର ୨୦ କୁଇଣ୍ଟାଲ ଧାନ ବିକି ପାରିଛନ୍ତି। ଆହୁରି ୨୬,୩୪୩ ଜଣ ଚାଷୀଙ୍କ ଠାରୁ ସରକାର ଧାନ କିଣିପାରିଲେନି । କିଣା ପ୍ରକ୍ରିୟାରେ ଜିଲାର ୩୬୭ ପ୍ୟାକ୍ସ, ୧୦୦ ଏସଏଚଜି ଓ ଗୋଟିଏ ପାଣି ପଞ୍ଚାୟତ ସାମିଲ ହୋଇଥିଲେ। ଜିଲାରେ ୨୦୨୧ ଡିସେମ୍ବର ୨୯ରୁ ଚାଷୀଙ୍କଠାରୁ ଧାନକିଣା ଆରମ୍ଭ ହୋଇଥିଲା । ପ୍ରାରମ୍ଭରେ ଧାନକିଣା ଧିମା ରହିଥିବାବେଳେ ପ୍ରଥମ ପର୍ଯ୍ୟାୟରେ ଚାଷୀଙ୍କୁ ଆସିଥିବା ଟୋକନ୍ ଅବଧି ଶେଷ ହୋଇଯାଇଥିଲେ ହେଁ ସେମାନଙ୍କର ଧାନ କିଣାଯାଇ ନ ଥିଲା। ବାରମ୍ବାର ଏସମ୍ପର୍କରେ ଜିଲାପାଳ , ସିଏସଓ ଓ ସମବାୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ ଚାଷୀଙ୍କ କଥା କେହି ଶୁଣିନଥିଲେ। ଅଚଳ ଟୋକନ୍ ଆଉ ନୂଆ କରି ସଚଳ କରାଯାଇ ନ ଥିଲା । ଫଳରେ ପ୍ରଥମ ପର୍ଯ୍ୟାୟରୁ ବହୁ ଚାଷୀ ଧାନ ବିକିପାରିନଥିଲେ। ପରେ ମଧ୍ୟ ପର୍ଯ୍ୟାୟ କ୍ରମେ ଆସିଥିବା ବହୁ ଟୋକନ୍ ଅବଧି ସରୁଥିଲା ଏବଂ ଧାନ କିଣାଯାଇ ନ ଥିଲା। ଏସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡାଙ୍କୁ ପଚାରିବାରେ ଚଳିତ ବର୍ଷ ସରକାରଙ୍କ ପକ୍ଷରୁ ଜିଲାକୁ ୪୪ ଲକ୍ଷ ୧୪ ହଜାର ୯୩୦ କୁଇଣ୍ଟାଲ ଧାନ କିଣିବାକୁ ଟାର୍ଗେଟ ଦିଆଯାଇଥିଲା ଟୋକନ୍ ଲ୍ୟାପ୍ସ ଯୋଗୁ ୨୬ ହଜାରରୁ ଉର୍ଦ୍ଧ୍ୱ ଚାଷୀଙ୍କ ଠାରୁ ଧାନ କିଣାଯାଇପାରି ନ ଥିବା କହିଛନ୍ତି। ଜିଲାରେ ସର୍ବାଧିକ ଛତ୍ରପୁର ବ୍ଲକରୁ ୯୭.୧୯ ପ୍ରତିଶତ ଚାଷୀଙ୍କ ଠାରୁ ଧାନ କିଣାଯାଇଥିବାବେଳେ ସର୍ବନିମ୍ନ ବେଗୁନିଆପଡା ବ୍ଲକରୁ ୬୦.୪୧ ପ୍ରତିଶତ ଚାଷୀଙ୍କ ଠାରୁ କିଣାଯାଇଥିବା ସେ ସୂଚନା ଦେଇଛନ୍ତି।

## ପୂର୍ବ ସ୍ଥାନକୁ ଫେରିଲା ଗୁରୁବାର ହାଟ

ପାତ୍ରପୁର,୩୧।୩(ଡି.ଏନ.ଏ)

ପାତ୍ରପୁର ବ୍ଲକ ଜରଡ଼ାଗଡ଼ ଗୁରୁବାର ହାଟ ଦୀର୍ଘ ଦୁଇ ବର୍ଷ ପରେ ପୂର୍ବ ସ୍ଥାନକୁ ଫେରିଛି। ଏହି ହାଟର ଉନ୍ନତୀକରଣ କାମ ସମ୍ପୂର୍ଣ୍ଣ ନ ହୋଇ ପଡ଼ି ରହିଥିବା ବେଳେ ଜରଡ଼ା ରଥ ଦାଣ୍ଡରେ ୨ବର୍ଷ ହେଲା ହାଟ ବସୁଥିଲା। ହାଟ ନିର୍ମାଣ କାର୍ଯ୍ୟରେ ଦୁର୍ନୀତି ହୋଇଥିବା ନେଇ ବହୁଥର ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ନବ ନିର୍ବାଚିତ ସରପଞ୍ଚ ତିଳ ବେହେରା ଦାୟିତ୍ୱ ଗ୍ରହଣ କରିବା ପରେ ମୁଖ୍ୟ ସ୍ଥାନକୁ ହାଟ ଫେରାଇବା ବ୍ୟବସ୍ଥା କରିଛନ୍ତି। ତୁରନ୍ତ ହାଟର ଉନ୍ନତି କରଣ କରିବା ପାଇଁ ଜନସାଧାରଣ ଦାବି ହେଉଛି।

## ସଂକ୍ଷେପରେ

### ଯୁବତୀଙ୍କୁ ଅପହରଣ ମାମଲା, ଯୁବକଙ୍କୁ ୩ ବର୍ଷ ଜେଲ

ଫୁଲବାଣୀ ଅଫିସ, ୩୧।୩: ଜଣେ ଯୁବତୀଙ୍କୁ ଅପହରଣ କରିବା ଏବଂ ବେଆଇନ ଭାବେ ଅଟକ ରଖିବା ମାମଲାର ବିଚାର କରି ଗୁରୁବାର ଫୁଲବାଣୀ ଫାଷ୍ଟଟ୍ରାକ କୋର୍ଟର ଅତିରିକ୍ତ ଦୌରାଜଜ୍ ଭାସ୍କର ଚନ୍ଦ୍ର ସାହୁ ଅଭିଯୁକ୍ତ ଯୁବକଙ୍କୁ ୩ ବର୍ଷ ଜେଲ ଦଣ୍ଡାଦେଶ ଦେଇଛନ୍ତି। ଏଥିସହ ୧୦ ହଜାର ଟଙ୍କା ଜରିମାନା ପକାଇଛନ୍ତି। ଏହା ଅନାଦେୟ ଅଧିକ ୩ ମାସ ଜେଲ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି । ଅଭିଯୁକ୍ତ ଜଣକ ହେଲେ ଗୋଚ୍ଛାପଡା ଥାନା ସଲାଗୁଡା ଗ୍ରାମର ପ୍ରଶାନ୍ତ କୁମାର ମହାକୁଡ ।

୨୦୨୦ରେ ପ୍ରଶାନ୍ତ ଫିରିଙ୍ଗିଆ ଥାନା ଅଞ୍ଚଳର ଜଣେ ଯୁବତୀଙ୍କୁ ତାଙ୍କ ଘର ଲୋକଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଅପହରଣ କରିଥିଲେ । ତାଙ୍କ ଘରେ ଦୁଇ ମାସ ପର୍ଯ୍ୟନ୍ତ ରଖି ବିବାହ ପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ପର୍କ ରଖିଥିଲେ । ହେଲେ ପରେ ବିବାହ ନ କରି ଯୁବତୀଙ୍କୁ ଛାଡି ଦେଇଥିଲେ । ଯୁବତୀ ଜଣକ କିଛି ଦିନ ଅପେକ୍ଷା କରିବା ପରେ ପ୍ରଶାନ୍ତ ଫେରି ନ ଥିଲେ । ଫଳରେ ଯୁବତୀ ଜଣକ ଫିରିଙ୍ଗିଆ ଥାନାରେ ୨୦୨୦ ମାର୍ଚ୍ଚ ୧୧ରେ ଏତଲା ଦେଇଥିଲେ । ପୋଲିସ ଏହି ଘଟଣାରେ ୨୨/୨୦ରେ ମାମଲା ରୁଜୁ କରି ପ୍ରଶାନ୍ତଙ୍କୁ ଗିରଫ କରିଥିଲା । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ବିଜୟକୃଷ୍ଣ ପଟ୍ଟନାୟକ ମାମଲା ପରିଚାଳନା କରୁଥିଲେ ।

### ୧୦ରେ ଅଷ୍ଟଦଣ୍ଡ ମିଳନ
### ବାଲିଗୁଡ଼ାରେ ୧୪ଦିନ ଆମିଷ ବନ୍ଦ ନିଷ୍ପତ୍ତି

ବାଲିଗୁଡା,୩୧।୩(ଡି.ଏନ.ଏ):କନ୍ଧମାଳ ଜିଲା ବାଲିଗୁଡାରେ ଶୁକ୍ରବାରଠାରୁ ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ମା' କାଳୀଙ୍କ ଦଣ୍ଡଯାତ୍ରା ଅନୁଷ୍ଠିତ ହେବ । କରୋନା ଯୋଗୁ ଗତ ୨ ବର୍ଷ ଯାତ୍ରା ବନ୍ଦ ରହିଥିଲା । ପୂର୍ବବର୍ଷ ଭଳି ଚଳିତ ବର୍ଷ ମଧ ବାଲିଗୁଡା ସହରରେ ସ୍ଥାନୀୟ ପଞ୍ଚୁଦଣ୍ଡ ପରିଚାଳନା ସମିତି ଆନୁକୂଲ୍ୟରେ ୩୫ ବର୍ଷ ପୂର୍ତ୍ତି ଅବସରରେ ୩୩ ତମ ବାର୍ଷିକ ଅଷ୍ଟଦଣ୍ଡ ମିଳନ ଏପ୍ରିଲ ୧୦ ତାରିଖରେ ଅନୁଷ୍ଠିତ ହେବ । ତେଣୁ ଏପ୍ରିଲ ୧ରୁ ୧୪ ତାରିଖ ପର୍ଯ୍ୟନ୍ତ ସହରରେ ଅଣ୍ଡା, ମାଛ, ମାଂସ, ଶୁଖୁଆ ଆଦି ଆମିଷ ଦ୍ରବ୍ୟ ବିକ୍ରି ଓ ସେବନ ବନ୍ଦ କରିବାକୁ ବାଲିଗୁଡା ଅଞ୍ଚଳବାସୀଙ୍କୁ ସମିତି ତରଫରୁ ଅନୁରୋଧ କରାଯାଇଛି। ଅଷ୍ଟଦଣ୍ଡ ମିଳନର କାର୍ଯ୍ୟସୂଚୀ ପ୍ରକାରେ ୧୦ ତାରିଖ ସକାଳ ୮ଟାରେ ମା' ପାଟ୍ଟଖଣ୍ଡା ମନ୍ଦିରରେ ୮ଦଣ୍ଡ ଥଳଙ୍କୁ ବରଣ କରାଯିବ । ପୂର୍ବାହ୍ନ ସାଢ଼େ ୧୧ଟାରେ ଟାଉନର ମୁଖ୍ୟ ରାସ୍ତାରେ ଧୂଳିଦଣ୍ଡ , ଅପରାହ୍ନ ସାଢ଼େ ୪ଟାରେ ବନ୍ଧପାଖରେ ପାଣିଦଣ୍ଡ ଓ ସନ୍ଧ୍ୟା ୫ଟାରେ ବଜାର ଛକରେ ଅଷ୍ଟଦଣ୍ଡର ମହା ମିଳନ ଆୟୋଜନ କରାଯିବ । ରାତି ୧୧ରେ ଝୁଣା ଦଣ୍ଡ ପଟୁଆର ସହ ୧୧ ତାରିଖ ସକାଳ ୮ଟାରେ ଯାତ୍ରା ସମାପନ ହେବ।

### ଗୋପାଳ ସମାଜର ଜିଲା ସମ୍ମିଳନୀ

ଶେରଗଡ,୩୧।୩(ଡି.ଏନ.ଏ):ଶେରଗଡ ନିକଟସ୍ଥ ପାଟପଲି ଗ୍ରାମ ଗୋପାଳ ସମାଜ କୋଠଘରେ ଗଞ୍ଜାମ ଜିଲା ଗୋପାଳ ସମାଜର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲା ସଭାପତି ନନ୍ଦ କିଶୋର ମହାଙ୍କୁଡ଼ ଅଧ୍ୟକ୍ଷତା କରିଥିଲେ। ଚଳିତବର୍ଷ ପାଇଁ ଗୋପାଳ ସମାଜର କାର୍ଯ୍ୟପନ୍ଥା ଆଲୋଚନା ହୋଇଥିଲା। ଗୋପାଳ ସମାଜ ସବୁ ବର୍ଗର ଲୋକଙ୍କୁ ସାହାଯ୍ୟ କରି ଆସୁଥିବା ବେଳେ ସରକାର ଏ ଦିଗରେ ଦୃଷ୍ଟି ଦେବାକୁ ପଡିବ। ସମ୍ମିଳନୀରେ ଶେରଗଡ ତାଲୁକା,ମୁଠାଓ ଗ୍ରାମ ପରିଷଦ ର କମିଟି ଚୟନ କରାଯାଇଛି। ତାଲୁକା ସଭାପତି ଭାବେ ନରସିଂହ ଗୌଡ଼,ସହ ସଭାପତି ଭାବେ ଟୁନା ଗୌଡ଼, ସମ୍ପାଦକ ଭାବେ ସୁରେନ୍ଦ୍ର ଗୌଡ଼, ସହ ସମ୍ପାଦକ ଭାବେ ଦେବରାଜ ଗୌଡ଼ କୋଷାଧକ୍ଷ ଭାବେ ଜୟଦେବ ଗୌଡ଼ଙ୍କୁ ଚୟନ କରାଯାଇଥିଲା। ସମ୍ମିଳନୀରେ ୨୬ମୁଠା ତାଲୁକାର କର୍ମକର୍ତ୍ତା ଯୋଗ ଦେଇଥିଲେ।

# ସ୍କାଉଟ ଓ ଗାଇଡସ ଜିଲାସ୍ତରୀୟ ଶିବିର

ଆସିକା,୩୧।୩(ଡି.ଏନ.ଏ.)



ଉଦ୍‌ଘାଟନୀ ସମାରୋହରେ ମଞ୍ଚାସୀନ ଅତିଥି ।

ଭାରତ ସ୍କାଉଟସ ଓ ଗାଇଡସର ୨୭ତମ ଗଞ୍ଜାମ ଜିଲାସ୍ତରୀୟ ଶିବିର 'ସ୍ପନ୍ଦନ' ଗୁରୁବାର ସ୍ଥାନୀୟ ହରିହର ହାଇସ୍କୁଲ ପରିସରରେ ଉଦ୍‌ଘାଟିତ ହୋଇଛି । ଶିବିରରେ ଜିଲାର ବିଭିନ୍ନ ବିଦ୍ୟାଳୟର ସ୍କାଉଟ, ସ୍କାଉଟ ମାଷ୍ଟର ଓ ଗାଇଡ ଓ ଗାଇଡ କ୍ୟାପଟେନଙ୍କୁ ମିଶାଇ ୫୧୯ ଜଣ ଯୋଗଦେଇଛନ୍ତି । ଆସିକା ତହସିଲଦାର ସଞ୍ଜୟ କୁମାର ସାମନ୍ତରାୟ ଶିବିରକୁ ଉଦଘାଟନ କରିଥିଲେ । ଜିଲା ଶିକ୍ଷାଧିକାରୀ ବିନିତା ସେନାପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ତହସିଲଦାର ସାମନ୍ତରାୟ, ମୁଖ୍ୟବକ୍ତା ରୂପେ ବିଡିଓ ରୋସନ ଶତପଥୀ, ଏନଏସି ନିର୍ବାହୀ ଅଧିକାରୀ ଲୋକନାଥ ବେଜ, ଜିଲା ଶାରିରୀକ ଶିକ୍ଷା ଅଧିକାରୀ ଭାଗିରଥି ସ୍ୱାଇଁ, ସହକାରୀ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ରାଜେଶ କୁମାର ପ୍ରଧାନ, ଗୋଷ୍ଠୀ ଶିକ୍ଷାଧିକାରୀ ଏସ. ଗିରିଧାରୀ, ଭାସ୍କର ଲେଙ୍କା, ହରିହର ହାଇସ୍କୁଲ ପ୍ରଧାନ ଶିକ୍ଷକ ଶିବରାମ ମହାରଣା, ଗାଇଡ ଜିଲା କମିଶନର ଶାନ୍ତିଲତା ମୁନି ପ୍ରମୁଖ ମଞ୍ଚାସୀନ ଥିଲେ। ଏହି ଅବସରରେ ସ୍କାଉଟ ଓ ଗାଇଡସର କୋଭିଡ ମହାମାରୀ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ସାମାଜିକ ସେବା ଏପରିକି ଗତ ପଞ୍ଚାୟତ ନିର୍ବାଚନ ସମୟରେ ମଧ ସହାୟତା ଆଶା କରୁଥିବା ଜନସାଧାରଣଙ୍କୁ ଉପଯୁକ୍ତ ସହାୟତା କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଯୁବଶକ୍ତିର ବିକାଶ ନିମନ୍ତେ ଏହା ପ୍ରଥମ ସୋପାନ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ସନ୍ଧ୍ୟାରେ କ୍ୟାମ୍ପ ଫାଏର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୁଶାନ୍ତ ସିୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆସିକା ଏନଏସି ଅଧ୍ୟକ୍ଷା ବିନେତା ସ୍ୱାଇଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଏହି ମହତ କାର୍ଯ୍ୟ ଲାଗି ସହଭାଗିତା ଲାଗି ସେମାନଙ୍କୁ ପ୍ରଶଂସା କରିଥିଲେ ।

# ଋଣ ନାଁରେ ୪ ଲକ୍ଷରୁ ଊର୍ଦ୍ଧ୍ୱ ଠକେଇ, ମାମଲା ରୁଜୁ

ଖଲ୍ଲିକୋଟ,୩୧।୩(ଡି.ଏନ.ଏ.)

ଋଣ ଦେବା ନାଁରେ ୪ଟି ଗାଁର ୮୧ ଜଣ ମହିଳାଙ୍କଠାରୁ ୪ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିବା ଗୁରୁବାର ଖଲ୍ଲିକୋଟ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ୟେସ ବ୍ୟାଙ୍କର କର୍ମଚାରୀ ପରିଚୟ ଦେଇଥିବା କଟକର ଅନୀଲ କୁମାର ଦଳେଇ ଓ ସ୍ମୃତି ରଞ୍ଜନ ପାତ୍ର ଗତ ୧୩ତାରିଖରେ ଖଲ୍ଲିକୋଟରେ ଥିବା କଲଟେକ କମ୍ପ୍ୟୁଟର ଅନୁଷ୍ଠାନର ମାଲିକ ବିଶ୍ୱନାଥ ଦାସଙ୍କୁ ଭେଟିଥିଲେ। ସେଠାରେ ୟେସ ବ୍ୟାଙ୍କର ଏକ ସିଏମ୍‌ସି ପେ ସେଣ୍ଟର ଖୋଲିବାକୁ ପ୍ରବର୍ତ୍ତାଇଥିଲେ। ଏଥିରେ ବିଶ୍ୱନାଥ ରାଜି ହେବା ପରେ ବ୍ୟାଙ୍କ ତରଫରୁ ଲୋକଙ୍କୁ ୫୦ ହଜାର ଟଙ୍କା ଲେଖାଏ ଋଣ ଦିଆଯିବ ବୋଲି ବ୍ୟକ୍ତି ଦୁଇଜଣ କହିଥିଲେ। ପରେ ସେମାନେ ଫାସିଡି, ତେନ୍ତୁଳିଆପଡା, ମୋହନପୁର, କେଶପୁର ଓଡ଼ିଆରପି କଲୋନୀ ଓ ଭରସା ଗ୍ରାମକୁ ଯାଇ ସେଠାରେ ମହିଳାମାନଙ୍କୁ ଋଣ ଲୋଭ ଦେଖାଇ ଆଧାର କାର୍ଡ ଏବଂ ଭୋଟ ପରିଚୟ ପତ୍ରର ନକଲ ନେଇଥିଲେ। ପ୍ରଥମେ ଖାତା ଖୋଲିବା ପାଇଁ ୧୩୦ ଟଙ୍କା ଏବଂ ଇନ୍ସ୍ୟୁରାନ୍ସ ପାଇଁ ୫୪୦ ଟଙ୍କା, ଋଣ ମଞ୍ଜୁର କରିବା ପାଇଁ ୫୦୦ ଟଙ୍କା ଲେଖାଏଁ ନେଇଥିଲେ। ଏହା ବ୍ୟତୀତ ୫୦ ହଜାରରୁ ଅଧିକ ଲୋନ ନେବା ପାଇଁ ଜଣ ପିଛା ୫ ହଜାର ଟଙ୍କା ଲେଖାଏ ନେଇଥିଲେ। ତେନ୍ତୁଳିଆପଡାରୁ ୧୪ ଜଣ, ମୋହନପୁରରୁ ୧୦ ଜଣ, କେଶପୁର ଓଡ଼ିଆରପି କଲୋନୀର ୩୫ ଜଣ, ଭରସା ଗ୍ରାମରୁ ୧୭ ଜଣ ଏବଂ ଫାସିଡି ଗ୍ରାମରୁ ୮ ଜଣ ମହିଳା ଏହି ଠକାମୀର ଶିକାର ହୋଇଥିବା ଜଣାପଡିଛି।ସେହିପରି କମ୍ପ୍ୟୁଟର ଅନୁଷ୍ଠାନର ମାଲିକଙ୍କ ଠାରୁ ପ୍ରଥମେ କରେଣ୍ଟ ଆକାଉଣ୍ଟ ଖୋଲିବା ପାଇଁ ଅଢ଼େଇ ହଜାର ଟଙ୍କା ଏବଂ ପରେ ବ୍ୟାଙ୍କର ଡିଭାଇସ ଦେବା ପାଇଁ ୩୦ ହଜାର ଟଙ୍କା ଠକି ନେଇଛନ୍ତି। ଅଭିଯୁକ୍ତଦ୍ୱୟ ଟଙ୍କା ନେବା ପରେ ମୋବାଇଲ ସୁଇଚ ଅଫ ହେବାରୁ ସେମାନେ ଶିକାର ହୋଇଥିବା ଜାଣି ପାରିଥିଲେ। ଠକେଇର ଶିକାର ମହିଳା ଓ ଗୁରୁବାର ବିଶ୍ୱନାଥ ଦାସଙ୍କ ସମେତ ସମସ୍ତ ମହିଳା ଖଲ୍ଲିକୋଟ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବିଧିବଦ୍ଧ ଭାବେ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଖଲ୍ଲିକୋଟ ଥାନା ଅଧିକାରୀ ଜଗନ୍ନାଥ ମଲ୍ଲିକ କହିଛନ୍ତି।

# ମହିଳା, ଶିଶୁ ସୁରକ୍ଷା ସଚେତନତା କର୍ମଶାଳା

ଦିଗପହଣ୍ଡି,୩୧।୩(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ମହିଳା ଓ ଶିଶୁ ମାନଙ୍କ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ ଯୋଜନା ଉପରେ ଏକ ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ସହଯୋଗରେ ଗଞ୍ଜାମ ଜିଲା ଶିଶୁ ସୁରକ୍ଷା ୟୁନିଟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦିଗପହଣ୍ଡି ସିଡିପିଓ ପୁଷ୍ପାଞ୍ଜଳି ଶତପଥୀ ଅଧ୍ୟକ୍ଷତା କରିଥିଲେ। ଦିଗପହଣ୍ଡି ବିଡିଓ ହଳଧର ଶବର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଅତିରିକ୍ତ ତହସିଲଦାର ରମେଶ ଚନ୍ଦ୍ର ବେହେରା, ଏବିଇଓ ରସାନନ୍ଦ ଘଡେଇ ଏବଂ ସ୍ୱେଚ୍ଛାସେବୀ ସଂଗଠନର ଶ୍ୟାମସୁନ୍ଦର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ୟୁନିଟର ପ୍ରଶିକ୍ଷକ ଅମିତାଭ କୁମାର ତ୍ରିପାଠୀ ଏବଂ ଶିବ ପ୍ରସାଦ ରଥ ଏଥିରେ ଯୋଗ ଦେଇ ମୋ ଗେହ୍ଲା ଝିଅ, ନିର୍ଭୟା କଢ଼ି, ବେଟି ବଚାଓ ବେଟି ପଢାଓ, ବିଜୁ କନ୍ୟାରତ୍ନ ଯୋଜନା, ବାଲ୍ୟବିବାହ ନିରୋଧ ଆଦି ସମ୍ପର୍କରେ ଉପସ୍ଥିତ ଅଙ୍ଗନୱାଡ଼ି କର୍ମୀ, ସ୍ୱାସ୍ଥ୍ୟକର୍ମୀ, ଆଶା କର୍ମୀ ମାନଙ୍କୁ ସଚେତନ କରାଇଥିଲେ। ଅଙ୍ଗନୱାଡ଼ି ସୁପ୍ରଭାଇଜର ଭାଗ୍ୟଲତା ପାତ୍ର ଏବଂ ସାଧନା ମହିଳା ସଂଘର ସଭାପତି ପି. ବିଜୟଲକ୍ଷ୍ମୀଙ୍କ ମିଳିତ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ସମସ୍ତ ଅଙ୍ଗନୱାଡ଼ି ସୁପ୍ରଭାଇଜର, ଅଙ୍ଗନୱାଡି କର୍ମୀ, ଏଏନ୍ଏମ ଏବଂ ଆଶା କର୍ମୀମାନେ ସହଯୋଗ କରିଥିଲେ।

## ସଫେଇ କର୍ମଚାରୀଙ୍କ ଆତ୍ମାହୁତି ଧମକ
### ୪୧ ବର୍ଷ ପରେ ଚାକିରି ଅସ୍ଥାୟୀ

ଛତ୍ରପୁର,୩୧।୩(ଡି.ଏନ.ଏ)

ଛତ୍ରପୁର ଅଗ୍ନିଶମ ସେବା କେନ୍ଦ୍ରରେ ଅସ୍ଥାୟୀ ସଫେଇ କର୍ମଚାରୀ ଭାବେ ସ୍ଥାନୀୟ ରିକାପଲି ଦଳିତ ସାହିର ଡି.ପୂର୍ଣ୍ଣ ନାୟକ ୪୧ ବର୍ଷ ହେଲା କାମ କରିଆସୁଛନ୍ତି। ଚାକିରି ସ୍ଥାୟୀ କରିବା ପାଇଁ ବାରମ୍ବାର ଅଗ୍ନିଶମ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଓ ସରକାରଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇନି। ଶେଷଥର ଦାବି ସମ୍ପର୍କରେ ସେ ମୁଖ୍ୟମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ଜିଲାପାଳ, ମାନବ ଅଧିକାର କମିଶନ, ଅଗ୍ନିଶମ ବିଭାଗର ଉଚ୍ଚ ଅଧିକାରୀଙ୍କୁ ଜଣାଇଥିଲେ। ଏପ୍ରିଲ ୧ ସୁଦ୍ଧା ଦାବି ପ୍ରତି ପଦକ୍ଷେପ ନ ନେଲେ ସେହିଦିନ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଆତ୍ମାହୁତି ଦେବେ ବୋଲି ପୂର୍ବ ଲିଖିତ ଭାବେ ଜଣାଇଥିଲେ। ତେବେ ଗୁରୁବାର ଖବର ଲେଖାଯିବା ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନ ଥିବା ସେ ଗଣମାଧ୍ୟମକୁ କହିବା ସହ ନିଜ ନିଷ୍ପତ୍ତିରେ ଅଟଳ ରହିଥିବା ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଛତ୍ରପୁର ଦମକଳ ସେବା କେନ୍ଦ୍ରରେ ୧୯୮୦ ସେପ୍ଟେମ୍ବର ୨୦ ଠାରୁ ମାସିକ ବେତନ ୬୦ ଟଙ୍କାରେ ପୂର୍ଣ୍ଣ ସଫେଇ କର୍ମଚାରୀ ଭାବେ କାମ ଆରମ୍ଭ କରିଥିଲେ । ଏବେ ସେ ମାସିକ ୧୭୦୦ ଟଙ୍କା ପାଉଛନ୍ତି। ସରକାରୀ ଧାର୍ଯ୍ୟ ମାସିକ ମଜୁରୀ ତାଙ୍କୁ ମିଳୁନି।

# ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ କାୟାକଳ୍ପ ପୁରସ୍କାର
## ଇକୋ ଫ୍ରେଣ୍ଡଲି ଭାବେ ରାଜ୍ୟରେ ପ୍ରଥମ



ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ।

ଆର.ଉଦୟଗିରି,୩୧।୩(ଡି.ଏନ.ଏ.)

ସ୍ୱାସ୍ଥ୍ୟସେବା ଓ ଆନୁସଙ୍ଗିକ ଭିତ୍ତିଭୂମି ବିକାଶରେ ଉତ୍କୃଷ୍ଟତା ପ୍ରତିପାଦନ କରିଥିବା ଗଜପତି ଜିଲା ମୋହନା ବ୍ଲକ ଅନ୍ତର୍ଗତ ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ୨୦୨୧-୨୨ବର୍ଷ ପାଇଁ କାୟାକଳ୍ପ ପୁରସ୍କାର ମିଳିଛି। ଏହା ଜିଲାରେ ପ୍ରଥମ ସ୍ଥାନ ଓ ରାଜ୍ୟରେ ପଞ୍ଚମ ସ୍ଥାନ ହାସଲ କରିଛି। ସେହିପରି ଇକୋ-ଫ୍ରେଣ୍ଡଲି ସ୍ୱାସ୍ଥ୍ୟକେନ୍ଦ୍ର ଭାବେ ରାଜ୍ୟରେ ପ୍ରଥମ ସ୍ଥାନରେ ରହି ପ୍ରମାଣପତ୍ର ହାସଲ କରିଛି। ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶାସନିକ ଅଧିକାରୀ ଡକ୍ଟର ଉଲ୍ଲାସ ରାଉତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ନିଷ୍ଠାପର ଉଦ୍ୟମ ଏବଂ ବରିଷ୍ଠ ଫାର୍ମାସିଷ୍ଟ ସନ୍ତୋଷ ସୁବୁଦ୍ଧି, ନିରାମୟ ଫାର୍ମାସିଷ୍ଟ ତଥା ସ୍ୱାସ୍ଥ୍ୟକର୍ମୀ ରଘୁନାଥ ବେହେରା, ଷ୍ଟାଫନର୍ସ ରୀତା ଚରଣ, ସରିତା ରଇତ, ସ୍ୱାସ୍ଥ୍ୟକର୍ମୀ ବିଜୟୀ ମିଶାଲ, ପରୀକ୍ଷାଗାର ସହଯୋଗୀ ସନ୍ତୋଷ ଗୁପ୍ତା, ନିର୍ମଳ ସୁପରଭାଇଜର ଧୀରେନ୍ଦ୍ର ପାଣିଗ୍ରାହୀ ଓ ସମସ୍ତ କର୍ମଚାରୀଙ୍କ ଅକ୍ଳାନ୍ତ ଉଦ୍ୟମରେ ସ୍ୱାସ୍ଥ୍ୟକେନ୍ଦ୍ର ପୁରସ୍କାର ଆଣିବାରେ ସଫଳ ହୋଇଛି।

# ଗାଁର ବିକାଶ କରିବେ ଏମବିଏ ଛାତ୍ର ସୁନୀଲ

**ସିମନବାଡିର ୬ନଂ ୱାର୍ଡ଼ରୁ ଜିତି ନାଏବ ସରପଞ୍ଚ**

ଦାରିଙ୍ଗବାଡ଼ି,୩୧।୩(ଡି.ଏନ.ଏ.)


୬ନଂ ୱାର୍ଡ଼ ବାସିନ୍ଦାଙ୍କ ବୈଠକରେ ଆଲୋଚନା ଚାଲିଛି ।

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ ୬ନଂ ୱାର୍ଡ଼ର ବିକାଶ ପାଇଁ ଗ୍ରାମବାସୀଙ୍କୁ ନେଇ ଗୁରୁବାର ଏକ ବୈଠକ କରିଛନ୍ତି ୱାର୍ଡ ସଭ୍ୟ ତଥା ନାଏବ ସରପଞ୍ଚ ଏସ. ସୁନୀଲ କୁମାର ସୁବୁଦ୍ଧି। ଏସ.ସୁନିଲ ଜଣେ ଏମବିଏ ଛାତ୍ର। ସେ ଚାକିରି ପଛରେ ନ ଦୌଡ଼ି ଗାଁର ବିକାଶ ପାଇଁ ପ୍ରଥମ ଥର ପାଇଁ ନିର୍ବାଚନ ଲଢ଼ି ଜିତିଥିଲେ। ନିର୍ବାଚନ ପରେ ୱାର୍ଡ଼ରେ ଏହା ପ୍ରଥମ ବୈଠକ । ବୈଠକରେ ସେ ନିଜେ ଅଧ୍ୟକ୍ଷତା ଗାଁର ବିକାଶ ପାଇଁ ବିଭିନ୍ନ ପ୍ରକଳ୍ପ କରିବା ପାଇଁ ବିଭିନ୍ନ ଯୋଜନା ଉପରେ ଆଲୋଚନା କରିଛନ୍ତି। ଗାଁର ଅଙ୍ଗନୱାଡ଼ି କେନ୍ଦ୍ରଠାରୁ ଆରମ୍ଭ କରି ବିଦ୍ୟାଳୟ ମରାମତି ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବାକୁ ଖସଡ଼ା ପ୍ରସ୍ତୁତ କରିବା ସହ ଯେଉଁମାନେ ବାର୍ଦ୍ଧକ୍ୟ ଭତ୍ତା, ବିଧବା ଏବଂ ଭିନ୍ନକ୍ଷମ ଭତ୍ତା ଆଦି ପାଇବା ପାଇଁ ଯୋଗ୍ୟ ସେମାନଙ୍କ ନାମ ତାଲିକା ପ୍ରସ୍ତୁତ ପାଇଁ ପଦକ୍ଷେପ ନେଇଛନ୍ତି। ସେହିପରି ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୧୦୦ ଦିନର କାର୍ଯ୍ୟ ସହ ଉକ୍ତ ଯୋଜନାରେ ବିଭିନ୍ନ ପ୍ରକଳ୍ପ କରାଯିବା ପାଇଁ ଆଲୋଚନା କରିଛନ୍ତି। ବୈଠକରେ ୱାର୍ଡ଼ର ନାରାୟଣ ସାହୁଙ୍କ ସମେତ ଏସ. ପ୍ରକାଶ ରାଓ ସୁବୁଦ୍ଧି, ବାସୁଦେବ ସାହୁ, ସାଇବ ସାହୁ, ପୂର୍ବତନ ସମିତିସଭ୍ୟ ଟୁନି ମୁଖିଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକ ସମ୍ମିଳନୀ

ଭଞ୍ଜନଗର,୩୧।୩ (ଡି.ଏନ୍.ଏ.)



ବୈଠକରେ ଉପସ୍ଥିତ କର୍ମକର୍ତ୍ତା ।

ଘୁମୁସର ବରିଷ୍ଠ ନାଗରିକ ମଞ୍ଚର ୪ର୍ଥବାର୍ଷିକ ସମ୍ମିଳନୀ ଭଞ୍ଜନଗର ନିକଟସ୍ଥ ଝାଙ୍କରେଇ ପୀଠ ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟ ବରିଷ୍ଠ ନାଗରିକ ପରିଷଦର ସାଧାରଣ ସମ୍ପାଦକ ଯୁଗଳ କିଶୋର ସାହୁ ଯୋଗଦେଇଥିଲେ । ସଭାପତି ସୋମନାଥ ନାୟକ ଅଧ୍ୟକ୍ଷତା କରିଥିଲେ। ମଞ୍ଚର ଉପଦେଷ୍ଟା ଡକ୍ଟର କମ୍ବପାଣି ସାମନ୍ତ, ମୁଖ୍ୟଅତିଥି ସାହୁ, ସମ୍ବର୍ଦ୍ଧିତ ବ୍ୟକ୍ତିତ୍ୱ ଡକ୍ଟର ଶାନ୍ତନୁ କୁମାର ରଥ, ମୁଖ୍ୟବକ୍ତା ଶିକ୍ଷାବିତ ଲକ୍ଷ୍ମଣ କୁମାର ପଣ୍ଡା, ଚଳଚ୍ଚିତ୍ର ଅଭିନେତା ସୁବାସ ଚନ୍ଦ୍ର ପାତ୍ର, ପୃଥ୍ୱୀରାଜ ପ୍ରତାପ ଚନ୍ଦ୍ର ସିଂହ, ଉପ-ସଭାପତି ପ୍ରଭାତ ଚନ୍ଦ୍ର ତରାସିଆ, ବାଳକୃଷ୍ଣ ବେହେରା, ସମ୍ପାଦକ ରବୀନ୍ଦ୍ର ଆଚାର୍ଯ୍ୟ, କୋଷାଧକ୍ଷ ବ୍ରଜଗୋପାଳ ମହାରଣା ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ସମ୍ମିଳନୀ ଆରମ୍ଭରେ ଉପଦେଷ୍ଟା ଡକ୍ଟର ସାମନ୍ତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହି ଅବସରରେ ଡକ୍ଟର ଶାନ୍ତନୁ ରଥଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ରାଜ୍ୟ ସମ୍ପାଦକ ସାହୁ ରାଜ୍ୟସ୍ତରରେ ବରିଷ୍ଠ ନାଗରିକଙ୍କୁ ଜାତୀୟ ସ୍ୱାସ୍ଥ୍ୟବୀମା ଲାଗୁ କରିବା, ବାର୍ଦ୍ଧକ୍ୟ ଭତ୍ତା ୫ହଜାର ଟଙ୍କାକୁ ବୃଦ୍ଧି କରିବା, ରାଜ୍ୟରେ ଗଢି ଉଠିଥିବା ସମସ୍ତ ବରିଷ୍ଠ ନାଗରିକ ମଞ୍ଚକୁ ନିଜ କାର୍ଯ୍ୟାଳୟ ପାଇଁ ୨୦ଡେସିମିଲ ଜାଗା ଯୋଗାଇଦେବା ପାଇଁ ସରକାରଙ୍କ ପାଖରେ ଦାବି କରାଯାଇଛି ବୋଲି ପ୍ରକାଶ କରିଥିଲେ। ସମୀକ୍ଷକଭାବେ ଏସ.କେ.ହୁସେନ,ଦ୍ୱିତୀୟ ଯୁଗ୍ମ ସମ୍ପାଦକ ଭାବେ ହରେକୃଷ୍ଣ ସାହୁ ଓ ଲଡୁ କିଶୋର ପ୍ରଧାନ, ବାଳକୃଷ୍ଣ ପାଢୀ, ଲିଙ୍ଗରାଜ ଜେନା, ଗୋବିନ୍ଦ ଚନ୍ଦ୍ର ଲେଙ୍କା, ନୀଳମଣି ବେହେରା ନୂତନଭାବେ କାର୍ଯ୍ୟକାରୀ ସଦସ୍ୟଭାବେ ନିର୍ବାଚିତ ହୋଇଥିଲେ ।ବ୍ରଜଗୋପାଳ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକଳ୍ପ କାମ ନିମ୍ନମାନର ଅଭିଯୋଗ କଲେ ଚାଷୀ

ପାରଳାଖେମୁଣ୍ଡି,୩୧।୩ (ଡି.ଏନ୍.ଏ.)

ଜମିରେ ଜଳ ସେଚନ ସହ ବନ୍ୟା ଜଳ ନିଷ୍କାସନ ନିମନ୍ତେ ରହିଥିବା କେନାଲର ପୁନରୁଦ୍ଧାର ଓ ମରାମତି କାର୍ଯ୍ୟ ପାଇଁ ବହୁ ବହୁ କୋଟି ଟଙ୍କା ଖର୍ଚ୍ଚ ହେଉଛି। ତେବେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁ ଚନ୍ଦ୍ରିକା ଯୋଗୁ କାର୍ଯ୍ୟ ନିମ୍ନମାନର ଚାଲିଥିବା ଅଭିଯୋଗ ହୋଇଛି । ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ଆସୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଜାଣିଶୁଣି ଚୁପ ରହୁଛନ୍ତି।

ଗଜପତି ଜିଲା ସଦରମହକୁମା ପାରଳାଖେମୁଣ୍ଡି ଉପକଣ୍ଠରେ ଥିବା ରାମସାଗର କେନାଲରେ ପ୍ରତିବର୍ଷ ବର୍ଷାଦିନେ ଅଧିକ ଜଳ ଏହି କେନାଲରେ ପ୍ରବାହିତ ହୋଇ ଫସଲ ନଷ୍ଟ ହେଉଛି। ରାଜ୍ୟ ସରକାର ୫୯ ଲକ୍ଷ ଟଙ୍କା ବ୍ୟୟରେ କେନାଲ ପୁନରୁଦ୍ଧାର କରିବା ସହ ଅତିରିକ୍ତ ଜଳକୁ ନିଷ୍କାସନ କରିବା ପାଇଁ ସୁଏଜ ବ୍ୟବସ୍ଥାକୁ ସୁଧାରିବା ପାଇଁ କାର୍ଯ୍ୟ ଆରମ୍ଭ କରିଛନ୍ତି । ହେଲେ ବର୍ତ୍ତମାନ ଚାଲିଥିବା ନିର୍ମାଣ କାର୍ଯ୍ୟକୁ ଅନୁଧ୍ୟାନ କଲେ ଧର୍ମକୁ ଆଖିଠାର ଭଳି ମନେ ହେଉଛି। କାର୍ଯ୍ୟର ମାନ ଅତି ନିମ୍ନମାନର। ମାତ୍ର ଦୁଇ ଇଞ୍ଚର ବାଲି ଢାଳି ତା ଉପରେ ଦୁଇ ଇଞ୍ଚର କଙ୍କ୍ରିଟ ଢଳେଇ କରି କାର୍ଯ୍ୟ ସାରି ଦେଉଛନ୍ତି। ଏହାକୁ ନେଇ ଜିଲା କୃଷକ ସଂଗଠନର ସଭାପତି ଓ ଅନ୍ୟ ସଦସ୍ୟମାନେ ବିରୋଧ କରିବା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିନ୍ତୁ କୃଷକମାନଙ୍କ ଅଭିଯୋଗକୁ ବିଭାଗୀୟ କର୍ତ୍ତୃପକ୍ଷ ଭୃକ୍ଷେପ କରୁନଥିବା ଅଭିଯୋଗ ହୋଇଛି। ଚାଷୀନେତା ସୂର୍ଯ୍ୟ ନାରାୟଣ ପଟ୍ଟନାୟକ ଓ ଚାଷୀ ସୀମା ଜେନା ପ୍ରମୁଖ ଅଭିଯୋଗ କରିବା ସହ ଏହାର ସମାଧାନ ଦାବି କରିଛନ୍ତି। ନିର୍ବାହୀ ଯନ୍ତ୍ରୀ ପ୍ରଦୀପ କୁମାର ରାଉତ କହିଛନ୍ତି, ବିଭାଗୀୟ କର୍ତ୍ତୃପକ୍ଷ ଠିକ୍ କାର୍ଯ୍ୟ ଓ ସୁଚାରୁରୂପେ ଚାଲିଛି ବୋଲି କହିଛନ୍ତି ।

